# NATIONAL NEWS BULLETIN (ODIA)
## 27th September - 2025
## Evening Bulletin : 7.15 p.m.

**********************************

আকাশবাণী..... সম্বাদ পঢ়ুছন্তি..... **প্রজ্ঞা পরিমিতা জেনা**

## মুখ্য সম্বাদ

- ସରକାରଙ୍କ ବିଭିନ୍ନ ସୁବିଧା ଓ ସମୃଦ୍ଧି ସୁଯୋଗରେ ଓଡ଼ିଶା ଉପକୃତ ହେଉଛି ବୋଲି କହିଲେ ପ୍ରଧାନମନ୍ତ୍ରୀ ।

— ଓଡ଼ିଶାର ଝାରସୁଗୁଡ଼ାଠାରେ ୬୦ ହଜାର କୋଟିରୁ ଅଧିକ ମୂଲ୍ୟର ବିଭିନ୍ନ ପ୍ରକଳ୍ପର କଲେ ଉଦ୍‌ଘାଟନ ଓ ଶିଳାନ୍ୟାସ ।

- ଆସନ୍ତାକାଲି ପ୍ରଧାନମନ୍ତ୍ରୀ ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ଦେବେ ଉଦ୍‌ବୋଧନ ।

- ବିହାରର ଆଗାମୀ ବିଧାନସଭା ନିର୍ବାଚନ ନେଇ ଦଳୀୟ କର୍ମୀମାନଙ୍କ ସହ ଆଲୋଚନା କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।

- ବ୍ରିକ୍ସ ବୈଦେଶିକ ମନ୍ତ୍ରିସ୍ତରୀୟ ବୈଠକରେ ପହଲ୍‌ଗାମ ଆତଙ୍କବାଦୀ ଆକ୍ରମଣକୁ ଦୃଢ଼ ନିନ୍ଦା ।

ଏବଂ

- ବିଶ୍ୱ ପାରା ତୀରନ୍ଦାଜ ଚାମ୍ପିୟାନ୍‌ସିପ୍ ପ୍ରତିଯୋଗିତାରେ ଭାରତର ୭ଟି ପଦକ ହାସଲ ।

## ପି.ଏମ୍. - ଭିଜିଟ୍

ଦେଶରେ କେନ୍ଦ୍ର ସରକାରଙ୍କ ଜନସାଧାରଣଙ୍କ ନିମନ୍ତେ ଉଦ୍ଦିଷ୍ଟ ବିଭିନ୍ନ ସୁବିଧା ଏବଂ ସମୃଦ୍ଧି ସୁଯୋଗରେ ଓଡ଼ିଶାବାସୀ ଉପକୃତ ହୋଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଝାରସୁଗୁଡ଼ାଠାରେ କହିଛନ୍ତି । ସେ କହିଛନ୍ତି, ଓଡ଼ିଶାରେ ୬ଟି ବନ୍ଦେ ଭାରତ ଟ୍ରେନ୍ ଚଳାଚଳ କରୁଥିବାବେଳେ ୬୦ଟି ରେଳ ଷ୍ଟେସନ୍‌ର ଆଧୁନିକୀକରଣ କରାଯାଇଛି । ସେହିପରି ଝାରସୁଗୁଡ଼ାର ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରକୁ ଦେଶର ପ୍ରମୁଖ ସହର ସହିତ ସଂଯୋଗ କରାଯାଇଛି । ଓଡ଼ିଶା’ ଖଣି ଏବଂ ଖଣିଜ ପଦାର୍ଥରୁ ବହୁ ଲାଭାନ୍ୱିତ ହୋଇପାରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

***Voice (PM 1)*** :.............

ଶ୍ରୀ ମୋଦି ଆଜି ଦିନିକିଆ ଓଡ଼ିଶା ଗସ୍ତରେ ଆସି ଝାରସୁଗୁଡ଼ାର ଆମୋଲିପାଲି ରିଜର୍ଭ ପଡ଼ିଆଠାରେ ୬୦ ହଜାର କୋଟିରୁ ଅଧିକ ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ ।

ଏଥିରେ ଦୂରସଂଚାର, ରେଳବାଇ, ଉଚ୍ଚଶିକ୍ଷା, ସ୍ୱାସ୍ଥ୍ୟସେବା, ଦକ୍ଷତା ବିକାଶ, ଗ୍ରାମୀଣ ଆବାସ ନିର୍ମାଣ ଆଦି ବିଭିନ୍ନ କ୍ଷେତ୍ର ଅନ୍ତର୍ଭୁକ୍ତ । ଜନସମାବେଶକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଥିଲେ, ୨୦୧୪ ପୂର୍ବରୁ ତତ୍କାଳୀନ ସରକାରଙ୍କ ଅମଳରେ ପରିବାରଗୁଡ଼ିକୁ ବାର୍ଷିକ ୧ ଲକ୍ଷ ଟଙ୍କା ଖର୍ଚ୍ଚ ଉପରେ ୨୫ ହଜାର ଟଙ୍କା ଟିକସ ଦେବାକୁ ପଡୁଥିଲା । ୨୦୧୭ ମସିହାରେ ଦ୍ରବ୍ୟ ଓ ସେବାକର ଜିଏସ୍‌ଟି ପ୍ରଚଳନ ପରେ ଟିକସ ବୋଝ ବହୁ ପରିମାଣରେ ହ୍ରାସ ପାଇଛି । ପରବର୍ତ୍ତୀ ପିଢ଼ି ଜିଏସ୍‌ଟି ସଂସ୍କାର ପରେ ଏହା ଆହୁରି ସରଳ ଏବଂ ସହଜ ହୋଇପାରିଛି ।

ପ୍ରଧାନମନ୍ତ୍ରୀ କହିଛନ୍ତି, ସଂପ୍ରତି ଓଡ଼ିଶାରେ ୨ଟି ସେମିକଣ୍ଡକ୍ଟର ୟୁନିଟ୍ ପ୍ରତିଷ୍ଠାକୁ କେନ୍ଦ୍ର ସରକାର ଅନୁମୋଦନ କରିଛନ୍ତି । ଏକ ସେମିକଣ୍ଡକ୍ଟର ପାର୍କ ମଧ୍ୟ ବିକଶିତ କରିବାକୁ ଯୋଜନା କରାଯାଇଛି । ଫଳରେ ଓଡ଼ିଶାର ଶିଳ୍ପ ଏବଂ ପ୍ରଯୁକ୍ତି ବିଦ୍ୟା ଅଭିବୃଦ୍ଧି ଅଧିକ ଗତିଶୀଳ ହୋଇପାରିବ ।

ବିଏସ୍‌ଏନ୍‌ଏଲ୍ ଦ୍ୱାରା ନୂତନ ଫୋର୍-ଜି ମୋବାଇଲ୍ ଟାୱାରକୁ ଲୋକାର୍ପଣ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶର ଟେଲିକମ୍ କ୍ଷେତ୍ରରେ ଏହା ଏକ ଉଲ୍ଲେଖନୀୟ ପଦକ୍ଷେପ । ୩୭ ହଜାର କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଟାୱାର ଗୁଡ଼ିକୁ ସଂପୂର୍ଣ୍ଣ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ବ୍ୟବହାର ମାଧ୍ୟମରେ ପ୍ରସ୍ତୁତ କରାଯାଇଛି । ନିଜସ୍ୱ ଟେଲିକମ୍ ନେଟୱର୍କ ନିର୍ମାଣ ତଥା ଦେଶରେ ଡିଜିଟାଲ୍ ଅନ୍ତର୍ଭୁକ୍ତୀକୁ ପ୍ରୋତ୍ସାହନ ପ୍ରଦାନ କରାଯାଇ ଖୁବ୍‌ଶୀଘ୍ର ୩୦ ହଜାର

ଗ୍ରାମକୁ ହାଇସ୍ପିଡ୍ ଇଣ୍ଟରନେଟ୍ ସଂଯୋଗ କରାଯିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

***Voice (PM 2)*** :............

ଏହି ଅବସରରେ ବ୍ରହ୍ମପୁର ଏମ୍‌କେସିଜି ମେଡ଼ିକାଲ କଲେଜ ଏବଂ ବୁର୍ଲା ସମ୍ବଲପୁରର ଭୀମ୍‌ସାରକୁ ବିଶ୍ୱସ୍ତରୀୟ ସୁପର୍ ସ୍ପେଶାଲିଟି ହସ୍ପିଟାଲରେ ଉନ୍ନୀତ କରିବା ନେଇ ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି । ଓଡ଼ିଶାବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କରି ଏହା ସହାୟକ ହେବ ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ ଗୁଜରାଟର ଉଧନା ଏବଂ ବ୍ରହ୍ମପୁର ମଧ୍ୟରେ ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ।

ସମାବେଶରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ଉଦ୍‌ବୋଧନ ଦେବେ । ଏହା ମାସିକ ରେଡିଓ କାର୍ଯ୍ୟକ୍ରମ ମନ୍ କୀ ବାତ୍‌ର ୧୨୬ତମ ସଂସ୍କରଣ ହେବ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ

ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ Appରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ କରାଯିବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ’ ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

## ବିହାର - ପଲିଟିକ୍ସ

ବିହାରରେ ବିଧାନସଭା ନିର୍ବାଚନ ପୂର୍ବରୁ ରାଜନୈତିକ ପରିସ୍ଥିତି ସରଗରମ ହୋଇଛି । ବରିଷ୍ଠ ବି.ଜେ.ପି. ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ବିହାର ଗସ୍ତର ଦ୍ୱିତୀୟ ଦିନରେ ଦଳୀୟ କର୍ମୀ ଓ ନେତାମାନଙ୍କ ସହ ନିର୍ବାଚନ ସମ୍ପର୍କରେ ଆଲୋଚନା କରିଛନ୍ତି । ସମସ୍ତିପୁରଠାରେ ଶ୍ରୀ ଶାହା’ ନିର୍ବାଚନ ରଣନୀତି ସମ୍ପର୍କରେ ପଦକ୍ଷେପ ନେବା ନିମନ୍ତେ ଦଳୀୟ କର୍ମୀମାନଙ୍କୁ ପରାମର୍ଶ ଦେଇଛନ୍ତି । ଆଲୋଚନା ସମୟରେ ଶ୍ରୀ ଶାହା’ ଏନ୍.ଡି.ଏ. ମଧ୍ୟରେ ଏକତା ବଜାୟ ରଖିବା ସହ ଆଗାମୀ ବିଧାନସଭା ନିର୍ବାଚନରେ ଦଳର ସଂଖ୍ୟାଗରିଷ୍ଠତାକୁ ସୁନିଶ୍ଚିତ କରିବା ନିମନ୍ତେ ଦଳୀୟ କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି । ଆଲୋଚନାରେ ମିଥିଳାଞ୍ଚଳ, ସମସ୍ତିପୁର,

ମଧୁବନି ଏବଂ ଦରଭଙ୍ଗା ଆଦି ବିଭିନ୍ନ ଜିଲ୍ଲାର କର୍ମୀ ଓ ନେତାମାନେ ଅଂଶଗ୍ରହଣ କରିଥିଲେ । ଅନ୍ୟପକ୍ଷରେ ଆର୍.ଜେ.ଡି. ନେତା ତେଜସ୍ୱୀ ପ୍ରସାଦ ଯାଦବ ମଧ୍ୟ ପାଟନାଠାରେ ତାଙ୍କ ଦଳୀୟ କର୍ମୀମାନଙ୍କ ସହ ଆଲୋଚନା କରିଛନ୍ତି । AIMIM ମୁଖ୍ୟ ଆସାଦୁଦ୍ଦିନ୍ ଓୱେସି' ବିଭିନ୍ନ ଜିଲ୍ଲାରେ ଦଳୀୟ ସମ୍ମିଳନୀର ମଧ୍ୟ ଆୟୋଜନ କରିଥିବା ଜଣାପଡ଼ିଛି ।

## ରାଜନାଥ - କନ୍‌କ୍ଲେଭ୍

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆସନ୍ତା ୨୯ ତାରିଖ ସୋମବାର ଦିନ ପୂର୍ବତନ ସୈନିକ କଲ୍ୟାଣ ବିଭାଗ DESW ପକ୍ଷରୁ ଆୟୋଜିତ ଜାତୀୟ ସମ୍ମିଳନୀ-୨୦୨୫ର ଉଦ୍‌ଘାଟନ କରିବେ । ଏହି ଦୁଇଦିନିଆ ସମ୍ମିଳନୀର ବିଷୟବସ୍ତୁ ରହିଛି "ବିକଶିତ ଭାରତ ଏବଂ ପୂର୍ବତନ ସୈନିକ କଲ୍ୟାଣ" । DESWର ସଚିବ ନିତେନ ଚନ୍ଦ୍ର ଏବଂ ଏହାର ଅଂଶୀଦାରମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ । ଭାରତର ବୀର ଯବାନମାନଙ୍କ କଲ୍ୟାଣ ଦିନରେ ଦେଶବ୍ୟାପୀ ଗ୍ରହଣ କରାଯାଉଥିବା ପଦକ୍ଷେପକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି । ସମ୍ମିଳନୀରେ ରାଜ୍ୟ ସୈନିକ ବୋର୍ଡ଼ ଏବଂ ଜିଲ୍ଲା ସୈନିକ ବୋର୍ଡ଼ର ପ୍ରତିନିଧିମାନେ ଅଂଶଗ୍ରହଣ କରିବେ ।

# ବ୍ରିକ୍ସ ଏଫ୍.ଏମ୍. ମିଟିଂ

ବ୍ରିକ୍ସ ବୈଦେଶିକ ମନ୍ତ୍ରୀସ୍ତରୀୟ ବୈଠକରେ' ଜମ୍ମୁ-କାଶ୍ମୀରର ପହଲ୍‌ଗାମ୍‌ଠାରେ ଗତ ଏପ୍ରିଲ୍ ୨୨ ତାରିଖରେ ହୋଇଥିବା ସନ୍ତ୍ରାସବାଦୀ ଆକ୍ରମଣକୁ ଦୃଢ଼ ନିନ୍ଦା କରାଯାଇଛି । ଗତକାଲି ନ୍ୟୁୟର୍କରେ ଅନୁଷ୍ଠିତ ଜାତିସଂଘ ସାଧାରଣ ପରିଷଦର ୮୦ତମ ଅଧିବେଶନରେ ୨୦୨୬ ବର୍ଷପାଇଁ ବ୍ରିକ୍ସ ସଦସ୍ୟ ଭାବେ ଭାରତ ବୈଠକରେ ଅଧ୍ୟକ୍ଷତା କରିଥିଲା । ଆତଙ୍କବାଦ କାର୍ଯ୍ୟକୁ ଏକ ଅପରାଧ ଏବଂ ନ୍ୟାୟସଙ୍ଗତ ନୁହେଁ ବୋଲି ବୈଠକରେ ମନ୍ତ୍ରୀମାନେ ମତପ୍ରକାଶ କରିଥିଲେ । ସନ୍ତ୍ରାସବାଦୀମାନଙ୍କ ସୀମାପାର୍ କାର୍ଯ୍ୟକଳାପ, ସନ୍ତ୍ରାସବାଦୀଙ୍କୁ ପାଣ୍ଠି ଯୋଗାଣ ଏବଂ ସେମାନଙ୍କୁ ନିରାପଦ ଆଶ୍ରୟସ୍ଥଳ ଯୋଗାଣ ଆଦି କାର୍ଯ୍ୟର ମୁକାବିଲା ପାଇଁ ସେମାନେ ପ୍ରତିବାଦ ପ୍ରକାଶ କରିଥିଲେ । ସନ୍ତ୍ରାସବାଦକୁ କୌଣସି ଧର୍ମ, ଜାତୀୟତା, ସଭ୍ୟତା କିମ୍ବା ଜାତିଗତ ଗୋଷ୍ଠୀ ସହିତ ସମ୍ପୃକ୍ତ କରାଯିବା ଉଚିତ ନୁହେଁ ଏବଂ ସନ୍ତ୍ରାସବାଦୀ କାର୍ଯ୍ୟକଳାପ ଓ ସେମାନଙ୍କୁ ସମର୍ଥନ ଯୋଗାଉଥିବା ବ୍ୟକ୍ତିବିଶେଷଙ୍କୁ ଦାୟୀ କରାଯିବା ଉଚିତ । ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳତାକୁ ସୁନିଶ୍ଚିତ କରିବାକୁ ଏବଂ ଆତଙ୍କବାଦ ମୁକାବିଲାରେ ଦ୍ୱୈତ ମାନଦଣ୍ଡକୁ ପ୍ରତ୍ୟାଖ୍ୟାନ କରିବାକୁ ଆହ୍ୱାନ ଦେଇଥିଲେ । ଜାତିସଂଘ

ତାଙ୍କ୍ଆରେ ଆନ୍ତର୍ଜାତିକ ଆତଙ୍କବାଦ ଉପରେ ସମ୍ମିଳନୀରେ ଶୀଘ୍ର ଚୂଡ଼ାନ୍ତ କରିବାକୁ ଆହ୍ୱାନ ଦେଇଥିଲେ ।

## ରିୟାଦ - ବିକଶିତ ଭାରତ ରନ୍

ରିୟାଦଠାରେ ଅବସ୍ଥାପିତ ଭାରତର ରାଷ୍ଟ୍ରଦୂତ, ଯୁବବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନରେ 'ମାଇଁ ଭାରତ'ର ମିଳିତ ଆନୁକୂଲ୍ୟରେ ରିୟାଦ୍‌ଠାରେ ବିକଶିତ ଭାରତ ଦୌଡ଼-୨୦୨୫ ଆୟୋଜିତ ହୋଇଯାଇଛି । ଏହି ଦୌଡ଼ର ମୁଖ୍ୟ ବିଷୟବସ୍ତୁ ରହିଛି "ଦେଶର ସେବା ଦିଗରେ ଦୌଡ଼" । ଏହି କାର୍ଯ୍ୟକ୍ରମରେ ୨୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ସମସ୍ତଙ୍କ ମଧ୍ୟରେ ଏକତା, ସୁସ୍ଥତା ଏବଂ ସେବା ମନୋଭାବକୁ ଉଜ୍ଜୀବିତ କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୨୦୪୭ ବିକଶିତ ଭାରତ ଲକ୍ଷ୍ୟକୁ ପୂରଣ କରିବା ଦିଗରେ ଆୟୋଜିତ ସେବାପର୍ବ ଅବସରରେ ଏହି ଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଭାରତର ସ୍ୱଦେଶୀ ମନୋଭାବ, ଆତ୍ମନିର୍ଭରଶୀଳତା, ପରିବେଶ ପ୍ରତି ଦାୟିତ୍ୱବୋଧ ଆଦିକୁ କାର୍ଯ୍ୟକ୍ରମରେ ପ୍ରାଥମିକତା ଦିଆଯାଇଥିଲା ।

ରିଆଦ୍ ସମ୍ପ୍ରଦାୟ ପକ୍ଷରୁ "ଏକ୍ ପେଡ୍ ମା' କେ ନାମ୍" ଅଭିଯାନ କାର୍ଯ୍ୟକାରୀ କରାଯାଇଥିଲା । ସବୁଜ ପୃଥିବୀ ଏବଂ ବ୍ୟକ୍ତିଗତ ଦାୟିତ୍ୱବୋଧ ମଧ୍ୟରେ ସଂଯୋଗ ସ୍ଥାପନ କରିବା ଲକ୍ଷ୍ୟରେ ଚାରାରୋପଣ କରାଯାଇଥିଲା ।

## ଆର୍ଚେରୀ - ୱାର୍ଲଡ ପାରା

ଦକ୍ଷିଣ କୋରିଆର ଗ୍ୟାଞ୍ଜୁଠାରେ ଚାଲିଥିବା ବିଶ୍ୱ ପାରା ତୀରନ୍ଦାଜ ଚାମ୍ପିୟନସିପ୍ ପ୍ରତିଯୋଗିତାର ଆଜି ଅନୁଷ୍ଠିତ ଅନ୍ତିମ ଦିବସରେ ଭାରତ ସମୁଦାୟ ୭ଟି ପଦକ ହାସଲ କରିଛି । ସେଥିମଧ୍ୟରେ ୩ଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଏବଂ ୩ଟି ବ୍ରୋଞ୍ଜ୍ ପଦକ ରହିଛି । ୧୮ ବର୍ଷୀୟ ଶୀତଲ ଦେବୀ ଏହି ବିଶ୍ୱ ପ୍ରତିଯୋଗିତାରେ ଆଜି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ସେ ତୁର୍କୀର ୧ ନମ୍ବର ଖେଳାଳି ଓଜ୍‌ନୁର୍‌ଙ୍କୁ ୧୪୬-୧୪୩ରେ ପରାସ୍ତ କରିଥିଲେ । ସେହିପରି ଭାରତର ତୋମାନ୍ କୁମାର ପୁରୁଷ ବର୍ଗରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି ।

*****